# The Orissa Gazette

**EXTRAORDINARY**

**PUBLISHED BY AUTHORITY**

**No. 1584 CUTTACK, TUESDAY, SEPTEMBER 4, 2007/ BHADRA 13, 1929**

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଘୋଷଣା

ତାରିଖ 23 ଜୁଲାଇ 2007

ସଂଖ୍ୟା 28688--ଏଲ୍.ଏ.(ଏ)- 34/2006 -ମୟୁରଭଞ୍ଜ-ରାବିପ-ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଶଙ୍କରମରା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ସରକାର ସରକାରୀ ବ୍ୟୟରେ ମୌଜା ମୁଦ୍ରାଯୋଡି, ଥାନା କୋଳିଅଣା, ଜିଲ୍ଲା ମୟୁରଭଞ୍ଜରେ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ଏତଦ୍ୱାରା ଘୋଷଣା କରାଯାଉଅଛି କି, ଉକ୍ତ ଉଦ୍ଦେଶ୍ୟରେ ପ୍ରାୟ 9.86 ଏକର ପରିମିତ ଭୂମି ଉପରୋକ୍ତ ଗ୍ରାମରେ ଆବଶ୍ୟକ ହେଉଅଛି ।

ଭୂ-ଅର୍ଜନ (ସଂଶୋଧିତ) ଆଇନ, 1984 ଦ୍ୱାରା ସଂଶୋଧିତ ହେବା ପ୍ରକାରେ 1894ର ଅଧିନିୟମର ଧାରା 6 ର ବ୍ୟବସ୍ଥା ଅନୁଯାୟୀ ପ୍ରଣୀତ ଏହି ଘୋଷଣାଟି ଏଥିସହିତ ସଂପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଭୂ-ଅର୍ଜନ ଆଇନର 4(1) ଧାରା ଅନୁଯାୟୀ ଅଧିସୂଚନା ସଂଖ୍ୟା 54709/ରା, ତା 24 ନଭେମ୍ବର 2006 ରିଖ ଓ ରାଜପତ୍ର ସଂଖ୍ୟା 7, ତା 2 ଜାନୁଆରୀ 2007 ରିଖ ରେ ପ୍ରକାଶିତ ହୋଇଥିବା ଭୂମି ଅନୁସୂଚୀ ଉକ୍ତ ଘୋଷଣାନାମାର ଅନ୍ତର୍ଭୁକ୍ତ ଅଟେ ।

ଉକ୍ତ ଜମିର ଏକ ନକ୍ସା ,ମୟୁରଭଞ୍ଜ ଜିଲ୍ଲାର ଭୂ-ଅର୍ଜନ କାର୍ଯ୍ୟାଳୟରେ, କାର୍ଯ୍ୟାଳୟ ସମୟରେ ଦେଖିବାକୁ ମିଳିପାରିବ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ପ୍ରଦୀପ୍ତ କୁମାର ପଟନାୟକ**

ଯୁଗ୍ମ ଶାସନ ସଚିବ

Printed and Published by the Director, Printing, Stationery & Publication, Orissa, Cuttack-10

Ex.. Gaz.919-193+20